
ମା'ଙ୍କ ଘଟ ପରିକ୍ରମା କରାଯାଉଛି।


ଶ୍ରଦ୍ଧାଳୁଙ୍କ ଭିଡ଼।


ଧର୍ମଶାଳାରେ ପୂଜାର୍ଚ୍ଚନା।

# ସାହି ପରିକ୍ରମା କଲେ ମା', ବଢ଼ୁଛି ଭିଡ଼

**୧୫ ଦିନରେ ବୁଢ଼ୀ ଠାକୁରାଣୀ ଦ୍ୱିବାର୍ଷିକ ଯାତ୍ରା**

ବ୍ରହ୍ମପୁର ଅଫିସ,୧୮।୪

ବ୍ରହ୍ମପୁରର ଅଧିଷ୍ଠାତ୍ରୀ ଦେବୀ ମା' ବୁଢ଼ୀ ଠାକୁରାଣୀଙ୍କ ଦ୍ୱିବାର୍ଷିକ ଯାତ୍ରା ମଙ୍ଗଳବାର ୧୫ଦିନ ଅର୍ଥାତ୍ ୨ ସପ୍ତାହରେ ପହଞ୍ଚିଛି। ଯାତ୍ରାକୁ ୨ ସପ୍ତାହ ହୋଇଥିବା ବେଳେ ପ୍ରତ୍ୟେକ ସହରବାସୀଙ୍କ ଘରେ ବନ୍ଧୁବାନ୍ଧବ ଓ ପ୍ରିୟଜନଙ୍କ ଆସର ଜମିଛି। ପରମ୍ପରା ଅନୁଯାୟୀ, ମା' ଠାକୁରାଣୀ ବାପ ଘରକୁ ଆସିଥିବା ବେଳେ ବ୍ରହ୍ମପୁରରେ ମଧ ଝିଅମାନେ ଯାତ୍ରା ସମୟରେ ବାପ ଘରକୁ ଆସିଥାନ୍ତି। ଏହି ସମୟରେ ସେମାନେ ମା'ଙ୍କ ଦର୍ଶନ କରିବା ସହ ନିଜ ପରିବାର ବର୍ଗଙ୍କ ଖୁସିରେ ଦିନ କଟାଇଥାନ୍ତି। ଝିଅମାନେ ନିଜ ପରିବାର ବର୍ଗଙ୍କ ସହ ଅସ୍ଥାୟୀ ମଣ୍ଡପରେ ମା' ଠାକୁରାଣୀଙ୍କ ଦର୍ଶନ କରିଥାନ୍ତି। ଯାତ୍ରାରେ ନିଜ ପରିବାରଙ୍କ ସହ ବୁଲାବୁଲି କରି ଖୁସି ହୋଇଥାନ୍ତି। ଯାତ୍ରା ଶେଷ ଦିନ ତଥା ମା' ମୁଖ୍ୟ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ ପରେ ଝିଅମାନେ ପୁଣି ଥରେ ନିଜ ଶାଶୁ ଘରକୁ ପ୍ରତ୍ୟାବର୍ତ୍ତନ କରିଥାନ୍ତି। ମଙ୍ଗଳବାର ମା'ଙ୍କ ଘଟ ପରିକ୍ରମା ରାତି ୮ଟା ପରେ ଆରମ୍ଭ ହୋଇଥିଲା। ମା'ଙ୍କ ଘଟ ସମେତ ୮ଟି ପାର୍ଶ୍ୱ ଘଟ ଦେଶୀ ବେହେରା ସାହିସ୍ଥିତ ଅସ୍ଥାୟୀ ମନ୍ଦିରରୁ ବାହାରିଥିଲା। ପରମ୍ପରା ଅନୁଯାୟୀ ମା'ଙ୍କ ଘଟ ପ୍ରଥମେ ମହୁରୀ ରାଜବାଟୀରେ ପହଞ୍ଚିଥିଲା। ସେଠାରେ ରାଜା ଠାକୁରାଣୀଙ୍କୁ ପୂଜାର୍ଚ୍ଚନା କରିଥିଲେ। ଏହାପରେ ଘଟ ବଡ ବଜାର, ଖାସ୍ପା ସାହି, ପଣ୍ଡିତ ସାହି, କରଣ ସାହି, ଶଗଡିଆ ମାର୍ଥା ସାହି ପରିକ୍ରମା କରିଥିଲେ। ଏହାପରେ ପୁଣି ଥରେ କରଣ ସାହି ହୋଇ କୋରିବାରୀ ସାହି, ଖାସ୍ପା ସାହି ଓ ନଡିଆ ବଜାର ହୋଇ ଅସ୍ଥାୟୀ ମଣ୍ଡପରେ ମା'ଙ୍କ ଘଟ ପହଞ୍ଚିଥିଲା। ମା'ଙ୍କ ଆଳତି ପରେ ରାତିରେ ଅନ୍ନଭୋଗ କରାଯାଇଥିଲା। ଏହାପରେ ଅସ୍ଥାୟୀ ମଣ୍ଡପ ବାହାରେ ଥିବା ଶ୍ରଦ୍ଧାଳୁ ମା'ଙ୍କ ଦର୍ଶନ କରିଥିଲେ।


ମା'ଙ୍କ ପୂଜା ନିମନ୍ତେ ଫୁଲ ଟାହିଆ।

# ଅଭିଯୁକ୍ତଙ୍କୁ ୨୦ ବର୍ଷ ଜେଲ

## ପୀଡ଼ିତାଙ୍କୁ ୪ ଲକ୍ଷ ସହାୟତା ନିର୍ଦ୍ଦେଶ

ବ୍ରହ୍ମପୁର ଅଫିସ,୧୮।୪

ବ୍ରହ୍ମପୁର ସ୍ୱତନ୍ତ୍ର ଫାଷ୍ଟ ଟ୍ରାକ୍ କୋର୍ଟ ବିଚାରପତି ମଙ୍ଗଳବାର ଏକ ନାବାଳିକା ବଳାତ୍କାର ମାମଲାର ଚୂଡାନ୍ତ ରାୟ ପ୍ରକାଶ କରି ଅଭିଯୁକ୍ତ ବୁଲୁ ବେହେରା (୨୪)ଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଅଭିଯୁକ୍ତ ଜଣଙ୍କ ହିଞ୍ଜିଳିକାଟୁର ହୋଇଥିବା ବେଳେ ସେ ସଦର ଥାନା ଅଞ୍ଚଳରେ ରହୁଥିଲେ। ବିଚାରପତି ବୁଲୁଙ୍କୁ ୨୦ ବର୍ଷ ସଶ୍ରମ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ସେହିପରି ଅଭିଯୁକ୍ତଙ୍କୁ ଦୁଇଟି ଦଫାରେ ୪୩ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟେ ଅତିରିକ୍ତ ସାଢ଼େ ୬ ମାସ ସଶ୍ରମ କାରାଦଣ୍ଡରେ ଦଣ୍ଡିତ ହେବାକୁ ରାୟ ଦେଇଛନ୍ତି। ବୁଲୁ ଗିରଫ ପରଠାରୁ ମଣ୍ଡଳ କାରାଗାରରେ ଥିବାବେଳେ ମଙ୍ଗଳବାର ସେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ସେହିପରି ପୀଡିତାଙ୍କୁ ୪ ଲକ୍ଷ ଟଙ୍କା ଆର୍ଥିକ ସହାୟତା ଦେବା ପାଇଁ କୋର୍ଟ ଜିଲା ଆଇନ୍ ସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରକାଶ ଯେ, ୨୦୨୧ ଏପ୍ରିଲ ୩୦ ରାତ୍ର ୮ ଟା'ରେ ଜଣେ ନାବାଳିକା ଟିଉଶନରୁ ଘରକୁ ଫେରୁଥିଲେ। ଲୋଚାପଡା ନିକଟ ଏକ ନିଛାଟିଆ ସ୍ଥାନରୁ ଜଣେ ଯୁବକ ତାଙ୍କୁ ଅପହରଣ କରି ନେଇଥିଲେ। ଏକ ବଗିଚା ନିକଟରେ ସେ ନାବାଳିକା ଛାତ୍ରୀଙ୍କୁ ଛୁରି ଦେଖାଇ ଭୟଭୀତ କରି ସେଠାରେ ବଳାତ୍କାର କରିଥିଲେ। ପୋଲିସ ନଂ.୧୩୨/୨୧ରେ ଏକ ମାମଲା ରୁଜୁ କରିଥିଲା। ମାମଲାର ବିଚାର ବେଳେ ୮ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା।

# ବିସିସି ବ୍ୟାଙ୍କ ଆଗରେ ସୋସାଇଟି ସମ୍ପାଦକଙ୍କ ବିକ୍ଷୋଭ

## ୩ ଦଫା ଦାବି ପୂରଣ ପାଇଁ ଆନ୍ଦୋଳନ

ବ୍ରହ୍ମପୁର ଅଫିସ,୧୮।୪

ବ୍ରହ୍ମପୁର ସମବାୟ କେନ୍ଦ୍ର (ବିସିସି) ବ୍ୟାଙ୍କ ମୁଖ୍ୟାଳୟ ପରିସରରେ ସୋସାଇଟି ସମ୍ପାଦକ ସଂଘ ପକ୍ଷରୁ ମଙ୍ଗଳବାର ଗଣଧାରଣା ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ୩ ଦଫା ଦାବି ପୂରଣ କରାଯାଉନଥିବା ପ୍ରତିବାଦରେ ଏହି ଆନ୍ଦୋଳନ ହୋଇଥିଲା। ଏହି ବ୍ୟାଙ୍କ ଅଧୀନ ଗଞ୍ଜାମ ଓ ଗଜପତି ଜିଲାରେ ୨୫୭ କୃଷି ସେବା ସମବାୟ ସମିତି ଓ ଲ୍ୟାମ୍ପସ୍ ଅଛି। ଧାରଣାରେ ଶତାଧିକ ସୋସାଇଟି ସମ୍ପାଦକ ସାମିଲ ହୋଇଥିଲେ। ତୁରନ୍ତ ଦାବି ପୂରଣ କରାନଗଲେ ଆଗାମୀ ଦିନରେ ଆନ୍ଦୋଳନକୁ ତୀବ୍ର ସହ ନବୀନ ନିବାସ ଘେରାଉ କରାଯିବା ନାରାବାଜି କରିଥିଲେ।

ବିସିସି ବ୍ୟାଙ୍କ ସେକ୍ରେଟାରୀ ସଂଘ ସଭାପତି ସୀତାରାମ ପ୍ରଧାନଙ୍କ କହିବାନୁସାରେ ୬ଷ୍ଠ ବେତନ କମିଶନଙ୍କ ସୁପାରିସ ଅନୁଯାୟୀ ଦରମା ଦେବାକୁ ରାଜ୍ୟ ସମବାୟ ନିବନ୍ଧକଙ୍କ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରାଯାଉନାହିଁ। ବହୁବାର ସଂଘ ଦାବି କରୁଛି ଏବଂ ବ୍ୟାଙ୍କ ସିଇଓଙ୍କ ଅବହେଳା ଅବ୍ୟାହତ ରହିଛି। ଅନ୍ୟପକ୍ଷରେ ଖାଲି ପଡ଼ିଥିବା ଆସିଷ୍ଟାଣ୍ଟ ପଦବୀ ପୂରଣ ବେଳେ ୩୦% ସୋସାଇଟି ସମ୍ପାଦକଙ୍କୁ ଯୋଗ୍ୟତା ଭିତ୍ତିରେ ଦେବାକୁ ଥିବା ନିୟମକୁ ବ୍ୟାଙ୍କ ଅଣଦେଖା କରୁଛି। ଇତିମଧ୍ୟରେ କେତେକ ବ୍ୟାଙ୍କ ଆସିଷ୍ଟାଣ୍ଟଙ୍କୁ ସରକାରୀସ୍ତରରେ ନିଯୁକ୍ତି ଦିଆଯାଇଥିବା ସଂଘ ଅଭିଯୋଗ କରିଛି।

ଅପରପକ୍ଷରେ କରୋନା ଯୋଗୁ ଗତ ୩ ବର୍ଷ ବ୍ୟାଙ୍କ ପରିଚାଳନା ସରକାରଙ୍କ ନିୟନ୍ତ୍ରଣରେ ଥିଲା। ଏହି ସମୟରେ ସୋସାଇଟି ଗୁଡ଼ିକର ବଜେଟ ପ୍ରସ୍ତୁତ କରାଯାଇ ନ ଥିଲା। ୨୦୨୨ରେ ଗଣତାନ୍ତ୍ରିକ ପଦ୍ଧତିରେ ସମବାୟ ନିର୍ବାଚନ ସରିଛି ଏବଂ ବିସିସି ବ୍ୟାଙ୍କରେ ମଧ ନୂଆ ପରିଚାଳନା ବୋର୍ଡ ଗଠନ ହୋଇଛି। ଏହାର ୫ ମାସ ବିତିବାକୁ ଯାଉଥିବା ବେଳେ ସୋସାଇଟି ବଜେଟ ବ୍ୟାଙ୍କ ଗୃହିତ କରୁନଥିବା ସଭାପତି ଅଭିଯୋଗ କରିଛନ୍ତି। ସେହିପରି ସୋସାଇଟି କର୍ମଚାରୀଙ୍କୁ ବିସିସି ବ୍ୟାଙ୍କ ପକ୍ଷରୁ ପ୍ରିମିୟମ ପ୍ରଦାନ କରି ଗୋଷ୍ଠୀ ସ୍ୱାସ୍ଥ୍ୟବୀମା ଭୁକ୍ତ କରାଯାଉ ନ ଥିବାରୁ ବିଭିନ୍ନ ସମୟରେ କ୍ଷତିଗ୍ରସ୍ତ ହେବାକୁ ପଡୁଛି। ତେଣୁ ତୁରନ୍ତ ସଂଘର ୩ ଦଫା ମୌଳିକ ଦାବି ପୂରଣ କରାଯିବାକୁ ସଂଘ ସଭାପତି ଓ ସାଧାରଣ ସମ୍ପାଦକ ନବ ପାଢ଼ୀ ଦାବି କରିଛନ୍ତି। ଆନ୍ଦୋଳନ ଯୋଗୁ ବ୍ୟାଙ୍କ ପରିସରରେ ଉତ୍ତେଜନା ଦେଖା ଦେଇଥିଲା। ବ୍ୟାଙ୍କ ସଭାପତି ଶିବରାମ ପାତ୍ର ସଂଘ କର୍ମକର୍ତ୍ତାଙ୍କ ସହ ଆଲୋଚନା କରି ମାସକ ମଧ୍ୟରେ ଦାବି ପୂରଣ ଲାଗି ପଦକ୍ଷେପ ନିଆଯିବାର ଆଶ୍ୱାସନା ଦେଇଥିଲେ। ଫଳରେ ଆନ୍ଦୋଳନ ସ୍ଥଗିତ ଥିବା ସଂଘ ସଭାପତି ସୂଚନା ଦେଇଛନ୍ତି।


ଶିବ ବେଶ।


ରାମ ବେଶ।

ସେଲ୍ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
bmpselfie@gmail.com


@ ରଘୁରାମ


@ ଚନ୍ଦନ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଟୁରିଜମ୍ ବିଭାଗ, ଆଇଆଇଟିଟିଏମ୍ ମଧ୍ୟରେ ଏମ୍ଓୟୁ


ଏମ୍ଓୟୁ ସ୍ୱାକ୍ଷର ସମୟରେ କୁଳପତି ଓ ଅନ୍ୟମାନେ।

**ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ**

■ ଟୁରିଜମ୍ ବିଭାଗର ବିଶ୍ୱ ଐତିହ୍ୟ ଦିବସ

ବ୍ରହ୍ମପୁର ଅଫିସ,୧୮।୪

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଟୁରିଜମ ବିଭାଗ ପକ୍ଷରୁ ମଙ୍ଗଳବାର ବିଶ୍ୱ ଐହିତ୍ୟ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଟୁରିଜମ୍ ବିଭାଗ ଓ ଇଣ୍ଡିଅନ ଇନଷ୍ଟିଚ୍ୟୁଟ୍ ଅଫ ଟୁରିଜମ ଆଣ୍ଡ ଟ୍ରାଭେଲ ମ୍ୟାନେଜମେଣ୍ଟ ଭୁବନେଶ୍ୱର ମଧ୍ୟରେ ଏକ ଏମ୍ଓୟୁ ସ୍ୱାକ୍ଷରିତ ହୋଇଛି। ଏଥିରେ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ଆଇଆଇଟିଟିଏମ୍ ପ୍ରଫେସର ମହମ୍ମଦ ସବିର ହୁସେନ ଓ ସମ୍ମାନୀତ ଅତିଥି ଭାବେ ପ୍ରଫେସର ଆଦ୍ୟାଶା ଦାସ ଯୋଗ ଦେଇଥିଲେ। ଏଥିରେ କୁଳସଚିବ ସଚ୍ଚିଦାନନ୍ଦ ନାୟକ, ପିଜିକାଉନସିଲ ଅଧ୍ୟକ୍ଷ ପ୍ରଫେସର ପ୍ରତାପ କୁମାର ମହାନ୍ତି ମଞ୍ଚାସୀନ ଥିଲେ। ପ୍ରଫେସର ରିତୁ ତିୱାରୀ ଏହାକୁ ସଂଯୋଜନା କରିଥିଲେ। ମୁଖ୍ୟ ଅତିଥି ଚଳିତ ବର୍ଷ ବିଶ୍ୱ ଐତିହ ଦିବସର ଥିମ୍ ହେରିଟେଜ ଉପରେ ମତ ରଖିଥିଲେ। ଏହି ଐତିହ ଗୁଡ଼ିକର ରକ୍ଷଣା ବେକ୍ଷଣ ଦିଗରେ ସରକାର ତଥା ଦେଶର ନାଗରୀକଙ୍କ ଭୂମିକା ସମ୍ପର୍କରେ ଆଲୋଚନା ହୋଇଥିଲା। ଶେଷରେ କୁଳସଚିବ ନାୟକ ଓ ଆଇଆଇଟିଟିଏମ୍ ଭୁବନେଶ୍ୱର ପ୍ରଫେସର ମହମ୍ମଦ ସବିର ହୁସେନଙ୍କ ମଧ୍ୟରେ ଗବେଷଣା ଓ ଛାତ୍ରୀଛାତ୍ରଙ୍କ ପାଠପଢ଼ାରେ ସହାୟକ ନିମନ୍ତେ ଏକ ଏମ୍ଓୟୁ ସ୍ୱାକ୍ଷରିତ ହୋଇଥିଲା। ଏହି ଏମ୍ଓୟୁ ପରେ ଉଭୟ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରଙ୍କ ମଧ୍ୟରେ ସେମାନଙ୍କ କ୍ୟାରିୟରର ସଫଳତା ନିମନ୍ତେ ଅଗାମୀ ଦିନରେ ବହୁ କର୍ମଶାଳା ଓ ପାଠଚକ୍ର ଅନୁଷ୍ଠିତ ହେବ, ଯାହାଦ୍ୱାରା ଛାତ୍ରୀଛାତ୍ର ଉପକୃତ ହେବେ। ସେହିପରି ଆବଶ୍ୟକ ସ୍ଥଳେ ଛାତ୍ରୀଛାତ୍ର ଉଭୟ ଶିକ୍ଷାନୁଷ୍ଠାନର ଅଧ୍ୟାପକଙ୍କ ପରାମର୍ଶ ନେଇ ପାରିବେ ବୋଲି କୁଳ ସଚିବ ନାୟକ କହିଥିଲେ। କାର୍ଯ୍ୟକ୍ରମରେ ଟୁରିଜମ୍ ବିଭାଗ ପ୍ରଫେସର ଡ଼.ଇକବାଲ ଅହମ୍ମଦ ଭଟ୍ଟ ଓ ପ୍ରଫେସର କଳ୍ପନା ଦାସଙ୍କ ସମେତ ଟୁରିଜମ୍ ଓ ଇତିହାସ ବିଭାଗର ବହୁ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ଏମ୍କେସିଜିରେ ପାର୍କିଂ ଫି' ବନ୍ଦ ଦାବିରେ ଦସ୍ତଖତ ସଂଗ୍ରହ

ବ୍ରହ୍ମପୁର ଅଫିସ,୧୮।୪

ବ୍ରହ୍ମପୁର ବଡ ଡାକ୍ତରଖାନା(ଏମ୍କେସିଜି) ପରିସରରେ ଯାନବାହନ ରଖିବା ପାଇଁ ପାର୍କିଂ ଫି' ଆଦାୟ ବନ୍ଦ ଦାବିରେ ଏସ୍ୟୁସିଆଇ(କମ୍ୟୁନିଷ୍ଟ)ଗଞ୍ଜାମ ଜିଲା କମିଟି ପକ୍ଷରୁ ମଙ୍ଗଳବାର ଦସ୍ତଖତ ସଂଗ୍ରହ ଅଭିଯାନ ଆରମ୍ଭ ହୋଇଛି। କମିଟି ପକ୍ଷରୁ କୁହାଯାଇଛି, ରାଜ୍ୟ ସରକାର ଡାକ୍ତରଖାନାରେ ମାଗଣାରେ ସ୍ୱାସ୍ଥ୍ୟ ସେବା ଯୋଗାଇବା ପାଇଁ ଘୋଷଣା କରିଛନ୍ତି। କିନ୍ତୁ ଚିକିତ୍ସା ପାଇଁ ଆସୁଥିବା ଜନସାଧାରଣ ମେଡିକାଲ ପରିସରରେ ଯାନବାହାନ ରଖିବା ପାଇଁ ଏକ ଘରୋଇ ସଂସ୍ଥା ଦ୍ୱାରା ୧୦ଟଙ୍କା ଲେଖାଏ ପାର୍କିଂ ଫି' ଆଦାୟ କରାଯାଉଛି। ଉକ୍ତ ଫି' ଆଦାୟ ବନ୍ଦ ଦାବିରେ ମାର୍ଚ୍ଚ ୩୧ରେ କମିଟି ପକ୍ଷରୁ ହସ୍ପିଟାଲ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। କିନ୍ତୁ ଏ ଯାଏ ଦାବି ପୂରଣ କ୍ଷେତ୍ରରେ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବା କମିଟି ଅଭିଯୋଗ କରିଛି। ଦସ୍ତଖତ ସଂଗ୍ରହ ଅଭିଯାନରେ କମିଟି ଜିଲା ସମ୍ପାଦକ ସୋମନାଥ ବେହେରାଙ୍କ ସମେତ ନିମାଇଁ ଚରଣ ସାହୁ, ନାରାୟଣ ସାହୁ, ପପୁନ ସାହୁ, କିଷାନ କୁମାର ସାହୁ ଓ ମଧୁସୂଦନ ସାହୁଙ୍କ ସମେତ କମିଟିର ବହୁ ସଦସ୍ୟ ଉପସ୍ଥିତ ଥିଲେ।



ଏମ୍କେସିଜି ପରିସରରେ କମିଟି ପକ୍ଷରୁ ଦସ୍ତଖତ ସଂଗ୍ରହ।

# ଦଣ୍ଡନାଚ ପ୍ରସାଦ ସେବନ ବେଳେ ଆକ୍ରମଣ ମାମଲା: ଅଭିଯୁକ୍ତ କୋର୍ଟ ଚାଲାଣ

ବ୍ରହ୍ମପୁର ଅଫିସ,୧୮।୪

ବ୍ରହ୍ମପୁର ଶ୍ରୀରାମନଗରରେ ଗତ ୨୭ରେ ଦଣ୍ଡନାଚରେ ପ୍ରସାଦ ସେବନ ବେଳେ ଜଣେ ଯୁବକଙ୍କୁ ଆକ୍ରମଣ ହୋଇଥିଲା। ବଡବଜାର ପୋଲିସ ଘଟଣା ପରଠାରୁ ଫେରାର ଥିବା କୃଷ୍ଣ ମହାଙ୍କୁଡ(୨୧)ଙ୍କୁ ମଙ୍ଗଳବାର ଗିରଫ ପରେ କୋର୍ଟ ଚାଲାଣ କରିଛି। ପୋଲିସ ତାଙ୍କ ନିକଟରୁ ମାରଣାସ୍ତ୍ର ଜବତ ସହ ମାମଲା ନମ୍ବର ୯୫/୨୩ ରୁଜୁ କରିଛି। ପୂର୍ବରୁ ଗତ ୨ ତାରିଖରେ ଏହି ଆକ୍ରମଣ ମାମଲାରେ ସମ୍ପୃକ୍ତ ଥିବା ଦୁଇ ଜଣ ନାବାଳକଙ୍କୁ ଧରି ଜୁଭେନାଇଲ ଜଷ୍ଟିସ୍ ବୋର୍ଡ଼ରେ ହାଜର କରିଥିଲା। ପରେ ସେମାନଙ୍କୁ ବାଳସୁଧାର ଗୃହକୁ ପଠାଇ ଦିଆଯାଇଥିଲା। ପ୍ରକାଶ ଯେ, ଗତ ୨୭ ତାରିଖରେ ଶ୍ରୀରାମନଗର ୪ର୍ଥ ଲାଇନରେ ଦଣ୍ଡନାଚ ହେଉଥିଲା। ବିଳମ୍ବିତ ରାତିରେ ଦଣ୍ଡୁଆମାନେ ପ୍ରସାଦ ସେବନ କରୁଥିବା ସମୟରେ ସେଠାରେ କେତେକ ଦୁର୍ବୃତ୍ତ ଧସେଇ ପଶିଥିଲେ। ମୁନା ମହାନ୍ତି ଜୋତା ପିନ୍ଧି କାହିଁକି ଭିତରକୁ ଆସୁଛ ବୋଲି ସେମାନଙ୍କୁ ପଚାରିଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ ଦୁର୍ବୃତ୍ତମାନେ ବିଭିନ୍ନ ମାରଣାସ୍ତ୍ର ଦେଖାଇ ଲୋକଙ୍କୁ ଭୟଭୀତ କରିଥିଲେ। ମୁନା ପ୍ରତିବାଦ କରିବାରୁ ତାଙ୍କ ମୁଣ୍ଡ ଓ ହାତକୁ ଆକ୍ରମଣ କରି ଫେରାର ହୋଇ ଯାଇଥିଲେ।

